# ଆସ ବାଘ ଗଣିବା

୧. ମହାବଳ ବାଘ, କଲରା ପତ୍ରିଆ ବାଘ ଓ ଅନ୍ୟାନ୍ୟ ବିରାଡି- ଜାତୀୟ ଜୀବ ମାନଙ୍କ ପାଇଁ ନିମ୍ନରେ 'ବାଘ' ଶବ୍ଦର ପ୍ରୟୋଗ କରାଯାଇଛି । ଏ ଜୀବମାନଙ୍କର ଗଣନା(Census) କରିବା ପାଇଁ ସେମାନଙ୍କ **ପାଦ ଚିହ୍ନ ଖୋଜି ଚିହ୍ନିବାକୁ ହୋଇଥାଏ** ।

୨. ଜଙ୍ଗଲରେ ବାଘ ପାଦ ଚିହ୍ନ ଖୋଜିବା ପାଇଁ **ଜାନୁଆରୀ** ମାସଟି ବଛାଯାଇଅଛି । ଏ ସମୟରେ ଜଙ୍ଗଲ ଭିତରେ ଥଣ୍ଡା ଓ ପାଗ ଶୁଖିଲା ଥିବାରୁ ଗଣନା କାର୍ଯ୍ୟ ନିର୍ବିଘ୍ନରେ ହୋଇପାରେ । ଏ ସମୟରେ ଜଙ୍ଗଲର ଘଞ୍ଚତା କମି ନ ଥାଏ ତେଣୁ ବାଘର ଗତିବିଧି ସୀମିତ ଥାଏ ।

୩. ବାଘ ଗଣନା ସମୟରେ ବାଘ ପାଦ ଚିହ୍ନକୁ ବିଭିନ୍ନ ରାସ୍ତା, ନଦୀ କୂଳ ଓ ଶୁଖିଲା ନଦୀ-ନାଳ ମଝିରେ ଖୋଜାଯାଏ । ଘଞ୍ଚ ଜଙ୍ଗଲ ମଝିରେ ନ ଚାଲି ଜିପ୍ ରାସ୍ତା, ପାଦ ଚଲା ରାସ୍ତା, ଜନ୍ତୁ ଚଲା ରାସ୍ତା ଇତ୍ୟାଦି ସ୍ଥାନରେ ଚାଲିବାକୁ ବାଘ ଭଲପାଏ ।

୪. ଜଙ୍ଗଲ ଭିତରେ ବିଭିନ୍ନ ରାସ୍ତା ଗୁଡିକ ଯଦି ପଥୁରିଆ ବା ଟାଣ ମାଟିରେ ହୋଇଥାଏ ସେଥିରେ ପାଦଚିହ୍ନ ମିଳିବା ସହଜ ନୁହେଁ । ତେଣୁ ପ୍ରଥମେ ଆମକୁ ବାଘର ଚଲା ବାଟକୁ ଏପରି ତିଆରି କରିବାକୁ ହେବ ଯେପରି କି ସେଥିରେ ଚାଲିଥିବା ଜନ୍ତୁର ପାଦ ଚିହ୍ନ ପରିଷ୍କାର ଜଣା ପଡିବ । ସେଥିପାଇଁ ଯେଉଁ ରାସ୍ତାରେ ବାଘ ଚାଲୁଥିବାର ଅନୁମାନ କରୁଛେ ବା ଯେଉଁ ରାସ୍ତାରେ ବାଘ ଚାଲିବାର ସମ୍ଭାବନା ଅଛି, ସେଥିରେ ଆମକୁ କେତେଗୁଡିଏ **ପି.ଆଇ.ପି** (PUG IMPRESSION PAD) **ତିଆରି** କରିବାକୁ ହେବ ।

୫. ପ୍ରଥମେ ପ୍ରତି ସେନ୍ସସ ଇଉନିଟ୍ (CENSUS UNIT)ପାଇଁ କେତେଗୁଡିଏ ନିର୍ଦ୍ଦିଷ୍ଟ **ସେନ୍ସସ ରୁଟ୍** (CENSUS ROUTE) ବଛାଯିବ ।

୬. ପ୍ରତି ସେନ୍ସସ ରୁଟର ଆରମ୍ଭରୁ ଶେଷ ମଧ୍ୟରେ P.I.P ଗୁଡିକ ଏପରି ତିଆରି କରାଯିବ ଯେପରି କି ସେ ରାସ୍ତାରେ ଚାଲିଥିବା ବାଘର ପାଦଚିହ୍ନ କୌଣସି ଏକ P.I.P ରେ ଅବଶ୍ୟ ମିଳିବ ।

୭. ପ୍ରତ୍ୟେକ **P.I.P ରାସ୍ତାର ଲମ୍ବରେ ୨୦୦ ସେ.ମି. ଓ ରାସ୍ତାର ସମୁଦାୟ ଓସାରକୁ** ନେଇ ତିଆରି କରାଯିବ ।

୮. ପ୍ରତ୍ୟେକ **P.I.P** ଏପରି ସ୍ଥାନରେ ତିଆରି ହେବ ଯେପରି କି ଚାଲିବା ସମୟରେ ଜନ୍ତୁ ତାକୁ ଆଡେଇ ଦେଇ ପାରିବନି । ରାସ୍ତାର ଦୁଇ କଡରେ ଯଦି ବଡ ପଥର, ଗଛ ବା ବୁଦା ଜଙ୍ଗଲ ଥାଏ ତେବେ ରାସ୍ତା ମଝିରେ ଚାଲିବା ପାଇଁ ଜନ୍ତୁ ପ୍ରାୟ ବାଧ୍ୟ ହୋଇଥାଏ, ଏବଂ ତା ପାଦ ଚିହ୍ନ **P.I.P** ରେ ପଡିଯାଏ ।

୯. ଛକ ରାସ୍ତା ବା ଅନ୍ୟ ରାସ୍ତାର ଆରମ୍ଭରେ ୩-୪ ଟି **P.I.P** ୫୦ ରୁ ୧୦୦ ମିଟର ଲେଖାଁ ଦୂରତାରେ ତିଆରି କରାଯାଇପାରେ । ପ୍ରାୟ ୫୦୦ ମି. ରୁ ୨ କି.ମି. ପରେ ପୁଣି ୫୦ ରୁ ୧୦୦ ମି. ଲେଖାଏଁ ବ୍ୟବଧାନ ରଖି ୩-୪ଟି **P.I.P** ତିଆରି କରାଯାଇପାରେ (**ଏହି ବ୍ୟବଧାନ ଗୁଡିକୁ ରାସ୍ତାର ମହତ୍ତ୍ୱକୁ ଦୃଷ୍ଟିରେ ରଖି କମ୍ ବେଶି କରାଯାଇପାରେ**) ।

୧୦.	**P.I.P** ତିଆରି ପାଇଁ ସେନ୍ସସ ଇଉନିଟ୍‌ର ଲିଡର ସାଥିରେ ୨-୩ ଜଣ ମୁଲିଆ ଦରକାର ହେବ । ତା ସାଥିରେ ଦୁଇଟି ଗଇଁତି, ଗୋଟିଏ ସରୁ ତାର-ଜାଲିରେ (୧୦୦ X ୭୫ ସେ.ମି.)ତିଆରି ଦୋଳା ଓ ଦୁଇଟି ତାର-ବ୍ରୁଶ ଇତ୍ୟାଦି ଉପକରଣ ଦରକାର ହେବ ।

୧୧.	ସରୁ ରାସ୍ତାରେ ତାର-ବ୍ରୁଶ ଘଷି ଯଦି ଏକରୁ ଦୁଇ ସେ.ମି. ମୋଟର ଧୂଳି ତିଆରି କରାଯାଇ ପାରେ ତେବେ ତା ସବୁଠାରୁ ଉତ୍ତମ ।

୧୨.	ନଚେତ୍, ରାସ୍ତାକୁ ଖୋଳି ସେଥିରେ ଧୂଳିଆ ମାଟିକୁ ଜାଲି ଦ୍ୱାରା ଚଲାଇ ବିଛାଇବାକୁ ହେବ ଯେପରି କି ପାଦ ଚିହ୍ନ ପଡିଲେ ତା ସ୍ପଷ୍ଟ ଜଣାପଡିବ ।

୧୩.	ସେନସ୍‌ସ ୬ ଦିନ ମଧ୍ୟରେ ପ୍ରତ୍ୟେକ **P.I.P** ନିହାତି କମ୍‌ରେ ଚେକ୍ କରାଯିବା ଉଚିତ୍ ।

୧୪.	ବାଘ ପାଦ ଚିହ୍ନରେ ତାର ପାପୁଲି ଏବଂ **ଚାରୋଟି ଆଙ୍ଗୁଳିର** ଚିହ୍ନ ଜଣାଯାଏ । ପାପୁଲିଟି ପଛଆଡେ ତିନି ଭାଗରେ ବିଭକ୍ତ ହେବାପରି ଜଣାଯାଏ । ସାମନାରେ ପାପୁଲିଟି ସୁଚିଆକାର ଜଣାଯାଏ ।

୧୫.	ଆମର ଯେପରି ପାଞ୍ଚୋଟି ଆଙ୍ଗୁଠି, ବାଘର ମଧ୍ୟ ପାଞ୍ଚୋଟି । ମାତ୍ର **ବାଘର ବୁଢା ଆଙ୍ଗୁଠିଟି ଭୂଇଁକୁ ଛୁଏଁ ନାହିଁ** ତେଣୁ ଚାରୋଟି ଆଙ୍ଗୁଠିର ଚିହ୍ନ ଭୂଇଁରେ ଜଣାଯାଏ । ପାଦ ଚିହ୍ନଟି ବାମ ପାଦର ହୋଇଥିଲେ ବାମ ପଟରୁ ତୃତୀୟ ଆଙ୍ଗୁଠିର ଚିହ୍ନ ଅନ୍ୟ ଆଙ୍ଗୁଳିମାନଙ୍କ ତୁଳନାରେ ସାମନାକୁ ଥିବ । ସେହିପରି, ପାଦ ଚିହ୍ନଟି ଡାହାଣ ପଟର ହୋଇଥିଲେ ଡାହାଣ ପଟରୁ **ତୃତୀୟ ଆଙ୍ଗୁଠିଟିର ଚିହ୍ନ ଅନ୍ୟ ଆଙ୍ଗୁଠି ଚିହ୍ନମାନଙ୍କ ଆଗକୁ ପଡିଥିବ ।**

୧୬.	ସାଧାରଣ ବେଗରେ ଚାଲିବା ବେଳେ ଆଗପାଦ ଚିହ୍ନ ଉପରେ ପଛ ପାଦର ଚିହ୍ନ ପଡିଥାଏ । ସାଧାରଣରୁ ଅଧିକ ବା କମ୍ ବେଗରେ ଚାଲିବା ସମୟରେ ବାମ ଏବଂ ଡାହାଣ ଉଭୟ ପଟରେ ଆଗ ଏବଂ ପଛ-ପାଦ ଗୁଡିକର ଚିହ୍ନ ଅଲଗା-ଅଲଗା ଭୂଇଁରେ ଜଣାଯାଏ ।

(କ) ଯେକୌଣସି ବାଘର **ଆଗ ପାଦ ବଡ ଏବଂ ତାର ଲମ୍ବ –ଓସାର ପ୍ରାୟ ସମାନ ।**

(ଖ) **ଅଣ୍ଡିରା ବାଘର ପଛ ପାଦର ଲମ୍ବ ଏବ ଓସାର ପ୍ରାୟ ସମାନ ।**

**(ଗ) ମାଈ ବାଘର ପଛ ପାଦର ଲମ୍ବ ଏବଂ ଓସାର ସମାନ ନୁହେଁ ।** ଏ ଦୁଇ ମାପ ମଧ୍ୟରେ ତଫାତ୍ ପ୍ରାୟ ଦେଢ ସେ.ମି. ରୁ ଅଧିକ ।

୧୭.	ବଡ କଲରା ପତ୍ରିଆ ବାଘର ପାଦ ଚିହ୍ନ ମହାବଳ ବାଘ ଛୁଆର ପାଦ ଚିହ୍ନ ସହ ସମାନ ଜଣାଯାଏ । ଦୁହିଁଙ୍କ ପାଦ ଚିହ୍ନର ଲମ୍ବ ପ୍ରାୟ ୭୫ ମି.ମି. ରୁ ୯୦ ମି.ମି. ମଧ୍ୟରେ । ମାତ୍ର କଲରା ପତ୍ରିଆର ପାହୁଣ୍ଡ ୮୦ ସେ.ମି. ରୁ କମ୍ ଓ ପାଦଲମ୍ବର ପ୍ରାୟ ୧୦ ଗୁଣ । ସାନ କଲରା ପତ୍ରିଆର ପାଦ ଚିହ୍ନ ବିଲେଇ ପାଦ ଚିହ୍ନ ପରି ଜଣାଯାଏ ।

୧୮.	ସାଧାରଣତଃ ଛୁଆ ବାଘ ବା ଛୁଆ କଲରା ପତ୍ରିଆର ପାଦ ଚିହ୍ନ ନିକଟରେ ତା ମା'ର ପାଦ ଚିହ୍ନ ଥାଏ ।

୧୯.	ବାଘ ପାଦ ଚିହ୍ନର ଚିତ୍ର ଟାଇଗର ଟ୍ରେସରରେ କରାଯାଏ । ଟାଇଗର ଟ୍ରେସରଟିରେ ୨ ସେ.ମି.ର ଓସାର କାଠ ଫ୍ରେମରେ ଗୋଟିଏ ୩୦ X୨୫ ସେ.ମି. ର କାଚ ଲାଗିଥାଏ ।

ପାଦ ଚିହ୍ନ ଉପରେ ଟାଇଗର ଟ୍ରେସରକୁ ଧିରେ ଏପରି ରଖାଯାଏ ଯେପରିକି କାଚଟିର ତଳପଟ ପାଦଚିହ୍ନକୁ ନଛୁଏଁ । ଗୋଟିଏ ଭଲ ଚାଲୁଥିବା ସ୍କେଚ ପେନ୍ ସାହାଯ୍ୟରେ ପାଦ ଚିହ୍ନର ଚିତ୍ର କାଚ ଉପରେ ନକଲ କରି ଅଙ୍କାଯାଏ । ଚିତ୍ରଟି ଅଙ୍କନ କରିବା ସମୟରେ

ରେଖାଗୁଡିକ ପାପୁଲି ଓ ଆଙ୍ଗୁଳି ଚିହ୍ନର ହିଡେ ହିଡେ ଅଙ୍କାଯାଏ । ଚିତ୍ରଟି ଆଙ୍କି ସାରିବା ପରେ ଟାଇଗର ଟ୍ରେସରକୁ ଉଠାଇ ଆଣି ଗୋଟିଏ ଧଳା କାଗଜ ଉପରେ ରଖାଯାଏ । ତାପରେ କାଚରେ ଅଙ୍କା ଯାଇଥିବା ଚିତ୍ରଟି ଉପରେ ଟ୍ରେସିଂ ଫର୍ମ -D ରଖି  ପାଦଚିହ୍ନ ଚିତ୍ରଟିର ରେଖା ଗୁଡିକୁ ଫର୍ମକୁ ଅଙ୍କାଯାଏ ।

୨୦. ଫର୍ମରେ(Form-D)ଥିବା ସବୁ ଘର ଗୁଡିକ ପୂରଣ କରାଯାଏ ।

(କ) ସଦ୍ୟ ପାଦ ଚିହ୍ନରେ ପାପୁଲି ଏବଂ ଆଙ୍ଗୁଳିର ଚିହ୍ନ ପରିଷ୍କାର ଜଣାଯାଏ । ପୁରୁଣା ପାଦ ଚିହ୍ନର ରେଖା ଗୁଡିକ ଅସ୍ପଷ୍ଟ ଜଣାପଡେ । ଏହାକୁ ମନରେ ରଖି ଯଦି ସମ୍ଭବ ହୁଏ, ପାଦ ଚିହ୍ନଟି ଆନୁମାନିକ କେତେ ଦିନର ଲେଖାଯାଏ ।

(ଖ) ପାହୁଣ୍ଡର ମାପ ଦିଆଯାଇଥିବା ଚିତ୍ର ଅନୁଯାୟୀ କରାଯାଏ ।

(ଗ) ଯଦି ଦୁଇଟି ପଛ ବାମ ବା ପଛ ଡାହାଣ ପାଦ ଚିହ୍ନ ପଡିଥାଏ ତେବେ ସେଥିରୁ ପାହୁଣ୍ଡ ମପାଯାଏ । ଯଦି ଗୋଟିଏ ବାମ ଓ ଗୋଟିଏ ଡାହାଣ ପଛ ପାଦର ଚିହ୍ନ ଥାଏ ତେବେ ପାହୁଣ୍ଡ ଜାଣିବାକୁ ହେଲେ ବାମ ଡାହାଣ ମଧ୍ୟରେ ମାପକୁ ଦୁଇଗୁଣ କରାଯାଏ । ଯଦି କୌଣସି ସ୍ଥଳରେ ଆଗ, ପଛ, ବାମ / ଡାହାଣ, ଏପରି ସବୁ ପାଦର ଚିହ୍ନ ପଡିଥାଏ ସେ ସ୍ଥଳରେ ଯେକୌଣସି ଦୁଇ ପାଦ ମଧ୍ୟରେ ଦୂରତା (ପାପୁଲି ଅଗ୍ରଭାଗରୁ ଅନ୍ୟ ପାଦର ପାପୁଲି ଅଗ୍ରଭାଗ) ଯଦି ୩୦ ସେ.ମି.ରୁ ଅଧିକ ହୋଇଥାଏ ତେବେ ତାକୁ ୩ ଗୁଣ କରି ହାରାହାରି ପାହୁଣ୍ଡ ଅନୁମାନ କରାଯାଏ ।

୨୧. ଟ୍ରେସିଂ ଫର୍ମ ପୂରଣ କରିବା ପରେ ପାଦ ଚିହ୍ନଟି ଯଦି ଗଭୀର ହୋଇ ପଡିଥାଏ ତେବେ ତା'ର ପ୍ଲାଷ୍ଟର ତିଆରି କରାଯାଏ । ପ୍ରଥମେ ପାଦ ଚିହ୍ନ ଉପରେ ସାମାନ୍ୟ ପ୍ଲାଷ୍ଟର-ଗୁଣ୍ଡ ପତଳା କରି ଛିଞ୍ଚି ଦିଆଯାଏ । ଚିହ୍ନର ଚାରିପଟେ ସାମାନ୍ୟ ବାଲି ଦେଇ ଗୋଟିଏ ହିଡ କରାଯାଏ । ପରେ ପ୍ରାୟ ୨୦୦ ଗ୍ରାମ ପ୍ଲାଷ୍ଟରକୁ ଗୋଟିଏ ମଗ୍‌ରେ ନେଇ ପାଣି ମିଶାଇ ସାମାନ୍ୟ ବହଳାରେ ଶିଘ୍ର ଗୋଳାଯାଏ, ପରେ ଏହି ଗୋଳାଯାଇଥିବା ପାଣିକୁ ଧିରେ ଧିରେ ପାଦ ଚିହ୍ନ ଉପରେ ଢଳାଯାଏ । ପ୍ରାୟ ୧୫/୨୦ ମିନିଟ୍ ପରେ ପ୍ଲାଷ୍ଟରଟି ଟାଣ ହୋଇ ଶୁଖିଯାଏ । ସେଥିରେ ନିଜର ନାମ, ତାରିଖ, ସ୍ଥାନ, ପ୍ଲାଷ୍ଟରର କ୍ରମିକ ସଂଖ୍ୟା ଲେଖାଯାଏ । ଏପରି ଭାବରେ ବାଘ ଟ୍ରେସିଂ ଓ ପ୍ଲାଷ୍ଟର ଅଣାଯାଇ ପାରିବ ।